# NATIONAL NEWS BULLETIN (ODIA)
## 27 December - 2024
## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ୯୨ ବର୍ଷ ବୟସରେ ପରଲୋକ ।

– ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଶୋକ ପ୍ରକାଶ ।

- ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ବିୟୋଗରେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା ।

– ଆଜି ହେବାକୁ ଥିବା ସମସ୍ତ ସରକାରୀ କାର୍ଯ୍ୟକ୍ରମ ବାତିଲ ।

- ରଣନୈତିକ ସହଯୋଗ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସହ ଆଲୋଚନା କଲେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ।

- ପାକିସ୍ତାନର ସାମରିକ ଅଦାଲତ ଦ୍ୱାରା ୬୦ ଜଣ ସାଧାରଣ ନାଗରିକ ଦଣ୍ଡିତ ।

ଏବଂ

- ବର୍ଡ଼ର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ୩୧୧ ରନ୍‌ରୁ ବ୍ୟାଟିଂ କରୁଛି ଅଷ୍ଟ୍ରେଲିଆ ।

# ମନମୋହନ ସିଂହ

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କର ଗତ ରାତିରେ ୯୨ ବର୍ଷ ବୟସରେ ପରଲୋକ ହୋଇଯାଇଛି । ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ସେ ଚିକିତ୍ସିତ ହେଉଥିଲେ । ଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ ଏମସ୍‌ରେ ଡକ୍ଟର ସିଂହ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଗତକାଲି ସନ୍ଧ୍ୟାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ସିଂହ ଚେତାଶୂନ୍ୟ ହୋଇପଡ଼ିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ନୂଆଦିଲ୍ଲୀ ଏମସ୍‌ର ଜରୁରୀ କାଳୀନ ବିଭାଗରେ ଭର୍ତ୍ତି କରାଯାଇଥିଲା । ବହୁ ଚେଷ୍ଟା ସତ୍ତ୍ୱେ ତାଙ୍କୁ ବଞ୍ଚାଯାଇ ପାରିନଥିଲା । ରାତି ୯ଟା ୫୧ ମିନିଟ୍‌ରେ ଏମସ୍ ପକ୍ଷରୁ ଶ୍ରୀ ସିଂହଙ୍କୁ ମୃତ ଘୋଷଣା କରାଯାଇଥିଲା । ଡକ୍ଟର ସିଂହଙ୍କ ସ୍ୱାସ୍ଥ୍ୟାବସ୍ଥା ଗତ କିଛି ମାସ ହେବ ଖରାପ ରହିଥିଲା । ତାଙ୍କ ପରିବାରରେ ପତ୍ନୀ ଗୁରୁସରଣ କୌର ଓ ତିନି ଝିଅ ଅଛନ୍ତି ।

ତତ୍କାଳୀନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ୍ମା ରାଓଙ୍କ ଅଧୀନରେ ଅର୍ଥମନ୍ତ୍ରୀ ଥିବା ଡକ୍ଟର ସିଂହ ୧୯୯୧ ମସିହାରେ ଅର୍ଥନୈତିକ ଉଦାରିକରଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା କୁହାଯାଏ । ସେ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରରେ ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିଲେ । ଦୀର୍ଘ ୩୩ ବର୍ଷ କାର୍ଯ୍ୟ କରିବା ପରେ ସେ ଚଳିତ ବର୍ଷ ଏପ୍ରିଲ୍‌ରେ ରାଜ୍ୟସଭାରୁ ଅବସର ନେଇଥିଲେ । ୧୯୩୨ ମସିହା ସେପ୍ଟେମ୍ବର ୨୬ ତାରିଖରେ ଅବିଭକ୍ତ ଭାରତର ପଞ୍ଜାବ

ପ୍ରଦେଶର ଏକ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଶ୍ରୀ ସିଂହ ୨୦୦୪ରୁ ୨୦୧୪ ମସିହା ପର୍ଯ୍ୟନ୍ତ ଭାରତର ତ୍ରୟୋଦଶ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ।

## ନ୍ୟାସନାଲ୍ ମର୍ଣ୍ଣିଂ-ମନମୋହନ ସିଂହ

ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ବିୟୋଗରେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି । ଆଜି ହେବାକୁ ଥିବା ସମସ୍ତ ସରକାରୀ କାର୍ଯ୍ୟକ୍ରମ ବାତିଲ ହେବ ବୋଲି ସୂଚନା ମିଳିଛି । ମନମୋହନ ସିଂହଙ୍କ ଶେଷକୃତ୍ୟ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ସମ୍ମାନ ସହ ସମ୍ପନ୍ନ ହେବ । ଆଜି ପୂର୍ବାହ୍ନ ୧୧ଟାରେ କେନ୍ଦ୍ର କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

## କଣ୍ଡୋଲେନ୍ସ-ମନମୋହନ

ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ଡକ୍ଟର ସିଂହ ବିରଳ ରାଜନେତାମାନଙ୍କ ମଧ୍ୟରୁ ଅନ୍ୟତମ ଯିଏ ଶିକ୍ଷା ଓ ପ୍ରଶାସନ କ୍ଷେତ୍ରରେ ସମଭାବରେ ଦକ୍ଷତା ହାସଲ

କରିଥିଲେ । ରାଷ୍ଟ୍ରପତି କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ସିଂହ ଭାରତୀୟ ଅର୍ଥନୀତିର ସଂସ୍କାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ତାଙ୍କ ଶୋକବାର୍ତ୍ତାରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ଭାରତୀୟ ଅର୍ଥନୀତିର ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିବା କ୍ଷେତ୍ରରେ ତାଙ୍କର ଭୂମିକା ଅତୁଳନୀୟ ଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ଶୋକବାର୍ତ୍ତାରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭାରତ ତାର ଅନ୍ୟତମ ବିଶିଷ୍ଟ ନେତାଙ୍କ ବିୟୋଗରେ ଶୋକ ପ୍ରକାଶ କରୁଛି । ସାଧାରଣ ସ୍ତରରୁ ଆସିଥିବା ଡକ୍ଟର ସିଂହ ଜଣେ ସମ୍ମାନଜନକ ଅର୍ଥନୀତିଜ୍ଞ ହୋଇଥିଲେ ଏବଂ ସେ ଅର୍ଥ ମନ୍ତ୍ରୀଙ୍କ ସମେତ ବିଭିନ୍ନ ପଦବୀରେ କାର୍ଯ୍ୟ କରି ଭାରତର ଅର୍ଥନୈତିକ ନୀତିରେ ଏକ ଦୃଢ଼ ପ୍ରଭାବ ପକାଇଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି । ସଂସଦରେ ଡକ୍ଟର ସିଂହଙ୍କ ବୁଝାମଣାମୂଳକ ହସ୍ତକ୍ଷେପ ଏବଂ ପ୍ରଧାନମନ୍ତ୍ରୀ ଥିବା ସମୟରେ ଲୋକଙ୍କ ଜୀବନରେ ଉନ୍ନତି ଆଣିବା ପାଇଁ ତାଙ୍କର ପ୍ରୟାସକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଡକ୍ଟର ମନମୋହନ ସିଂହ ପ୍ରଧାନମନ୍ତ୍ରୀ ଥିବା ବେଳେ ଏବଂ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ

ସେମାନେ ନିୟମିତ ଭାବରେ କଥାବାର୍ତ୍ତା କରୁଥିଲେ । ସେ କହିଛନ୍ତି, ପ୍ରତ୍ୟେକ କ୍ଷେତ୍ରରେ ଡକ୍ଟର ସିଂହଙ୍କର ଜ୍ଞାନ, ନମ୍ରତା ଏବଂ ବିଚାର କ୍ଷମତା ହୃଦ୍‌ବୋଧ ହୋଇଥାଏ ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି, ଡକ୍ଟର ମନମୋହନ ସିଂହ ରିଜର୍ଭ ବ୍ୟାଙ୍କ୍‌ର ଗଭର୍ଣ୍ଣର ଠାରୁ ଆରମ୍ଭ କରି ଅର୍ଥମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବରେ ଦେଶର ଶାସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

କେନ୍ଦ୍ରମନ୍ତ୍ରୀ ତଥା ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି, ଡକ୍ଟର ସିଂହଙ୍କ ନେତୃତ୍ୱ ଦଳୀୟ ସ୍ତରରେ ପ୍ରଶଂସା ଓ ସମ୍ମାନ ଅର୍ଜନ କରିଛି । ତାଙ୍କ ପରମ୍ପରା ପରବର୍ତ୍ତି ପିଢ଼ିକୁ ଦେଶ ଗଠନ ପାଇଁ ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି ।

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଡକ୍ଟର ସିଂହଙ୍କ ନେତୃତ୍ୱ, ନମ୍ରତା ଏବଂ ସମର୍ପଣ ସର୍ବଦା ସ୍ମରଣୀୟ ରହିବ ବୋଲି କହିଛନ୍ତି ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ଭାରତ ଜଣେ ଦୂରଦର୍ଶୀ ରାଜନେତା ଓ ଅର୍ଥନୀତିଜ୍ଞଙ୍କୁ ହରାଇଛି । ଦେଶ ନିର୍ମାଣରେ ଡକ୍ଟର ସିଂହଙ୍କ ଅତୁଳନୀୟ ଅବଦାନ ଭାରତୀୟ ଇତିହାସରେ ସର୍ବଦା ଲିପିବଦ୍ଧ ହୋଇ ରହିବ ବୋଲି ସେ କହିଛନ୍ତି ।

କଂଗ୍ରେସ ନେତା ରାହୁଲ ଗାନ୍ଧି ଶୋକବାର୍ତ୍ତାରେ କହିଛନ୍ତି, ଡକ୍ଟର ସିଂହ ଅସୀମ ଜ୍ଞାନ ଓ ସଚ୍ଚୋଟତାର ସହ ଭାରତର ନେତୃତ୍ୱ ନେଇଥିଲେ । ସେ ଆହୁରି ମଧ୍ୟ କହିଛନ୍ତି, ଡକ୍ଟର ସିଂହଙ୍କ ନମ୍ରତା ଏବଂ ଅର୍ଥନୀତି ବିଷୟରେ ବୁଝାମଣା ଦେଶକୁ ପ୍ରେରଣା ଦେଇଛି ।

ବିହାର ମୁଖ୍ୟମନ୍ତ୍ରୀ ନିତିଶ କୁମାର ତାଙ୍କ ଶୋକବାର୍ତ୍ତାରେ ଡକ୍ଟର ସିଂହଙ୍କ ବିୟୋଗକୁ ଭାରତୀୟ ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ଡକ୍ଟର ସିଂହଙ୍କ ନେତୃତ୍ୱରେ ଭାରତୀୟ ଅର୍ଥନୀତିକୁ ଏକ ନୂଆ ଦିଗ ମିଳିଥିଲା ।

## ଜୟଶଙ୍କର-ୟୁଏସ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ୱାଶିଂଟନ୍ ଡିସିରେ ଗତ ରାତିରେ ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା ଜେକ୍ ସୁଲିଭାନ୍‌ଙ୍କୁ ସାକ୍ଷାତ କରିଛନ୍ତି । ଉଭୟ ନେତା ଭାରତ-ଆମେରିକା ରଣନୈତିକ ଭାଗିଦାରୀର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସାମ୍ପ୍ରତିକ, ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ସମସ୍ୟା ଉପରେ ଉଭୟ ନେତା ମତବିନିମୟ କରିଥିଲେ । ଡକ୍ଟର ଜୟଶଙ୍କର ଚଳିତ ମାସ ୨୪ ତାରିଖରୁ ୬ ଦିନିଆ ଆମେରିକା ଗସ୍ତରେ ଯାଇଛନ୍ତି ।

ଏହି ଗସ୍ତ କାଳରେ ଡକ୍ଟର ଜୟଶଙ୍କର ଆମେରିକା ପ୍ରତିପକ୍ଷଙ୍କ ସମେତ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ସହ ସାକ୍ଷାତ ଆଲୋଚନା କରୁଛନ୍ତି । ଡକ୍ଟର ଜୟଶଙ୍କର ଆମେରିକାରେ ଭାରତର କନ୍‌ସୋଲ୍ ଜେନେରାଲ୍‌ଙ୍କ ସହ ଏକ ସମ୍ମିଳନୀରେ ଅଧ୍ୟକ୍ଷତା କରିବେ ବୋଲି ଜଣାପଡ଼ିଛି ।

## ପାକ୍ ମିଲିଟାରୀ କୋର୍ଟ୍

ପାକିସ୍ତାନରେ ଗତବର୍ଷ ଇମ୍ରାନ୍ ଖାଁଙ୍କ ସମର୍ଥକମାନେ ସୃଷ୍ଟି କରିଥିବା ଅଶାନ୍ତିରେ ସମ୍ପୃକ୍ତ ଅଭିଯୋଗରେ ସେଠାକାର ଏକ ସାମରିକ ଅଦାଲତ ଆଉ ୬୦ ଜଣ ସାଧାରଣ ନାଗରିକଙ୍କୁ ଦଣ୍ଡାଦେଶ କରିଛନ୍ତି । ଏହି ଘଟଣାରେ ସମ୍ପୃକ୍ତ ମୋଟ୍ ୮୫ ଜଣଙ୍କୁ କୋର୍ଟ୍ ମାର୍ସାଲ୍ ପ୍ରକ୍ରିୟା ଶେଷ ହୋଇଛି ।

୨୦୨୩ ମେ ମାସରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କୁ ଗିରଫ୍ କରାଯିବା ପରେ ସେଠାକାର ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ ହୋଇଥିଲା । ଆକ୍ରମଣରେ ଲିପ୍ତ ବ୍ୟକ୍ତିମାନଙ୍କୁ ୨ରୁ ୧୦ ବର୍ଷ ପର୍ଯ୍ୟନ୍ତ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ତେବେ ପ୍ରକୃତ ଅଭିଯୋଗ ସମୟରେ ସେନା ପକ୍ଷରୁ ସ୍ୱଷ୍ଟ କରାଯାଇ ନାହିଁ । ଏହି ଘଟଣାରେ ଇମ୍ରାନ୍ ଖାଁଙ୍କ ଜଣେ ପୁତୁରାଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି ।

୨୦୨୨ରେ ବହିଷ୍କୃତ ହୋଇଥିବା ଇମ୍ରାନ୍ ଖାଁ ଏକ ବର୍ଷରୁ ଅଧିକ ସମୟ ହେବ ଜେଲ୍‌ରେ ଅଛନ୍ତି ଏବଂ ତାଙ୍କ ବିରୋଧରେ ଅନେକ ଗୁଡ଼ିଏ ମାମଲା ବିଚାରାଧୀନ ରହିଛି ।

## ଇୟର୍ ଏଣ୍ଡର ଟୁରିଜିମ୍

୨୦୨୪ ମସିହା ଶେଷ ହେବାକୁ ଯାଉଛି । ଆକାଶବାଣୀ ସମାଚାର ବିଭାଗ ଚଳିତ ବର୍ଷ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ପ୍ରମୁଖ କାର୍ଯ୍ୟାବଳୀ ଉପରେ ଝଲକ ପ୍ରସ୍ତୁତ କରୁଛି । ଆଜି ଆସନ୍ତୁ ଶୁଣିବା କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପ ଏବଂ ଉପଲବ୍ଧି ସମ୍ପର୍କରେ ।

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ଦେଶରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ବର୍ଷ ତମାମ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି । ପ୍ରବାସୀ ଭାରତୀୟଙ୍କୁ ସେମାନଙ୍କ ଅଣଭାରତୀୟ ବନ୍ଧୁମାନଙ୍କୁ ଦେଶ ଭ୍ରମଣ ପାଇଁ ନିମନ୍ତ୍ରଣ କରିବା ଉଦ୍ଦେଶ୍ୟରେ 'ଚଲୋ ଇଣ୍ଡିଆ' ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନ ଅଧୀନରେ ଭାରତକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ୧ ଲକ୍ଷ ଦେୟ ମୁକ୍ତ ଇ-ଭିସା ଜାରି କରାଯାଇଛି । ଦେଶର ସବୁଠାରୁ ପସନ୍ଦ ଯୋଗ୍ୟ ପର୍ଯ୍ୟଟନ ସ୍ଥଳୀକୁ ଚିହ୍ନଟ କରିବା ପାଇଁ

ଦେଶବ୍ୟାପି 'ଦେଖୋ ଆପନା ଦେଶ ପିପୁଲ୍ସ ଚଏସ୍' ନାମକ ସର୍ଭେ ଆରମ୍ଭ କରାଯାଇଥିଲା ।

ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ସାମିଲ ଥିବା ଗାଁ ଗୁଡ଼ିକୁ ସ୍ୱୀକୃତି ଦେବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଚଳିତ ବର୍ଷ ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ଆୟୋଜନ କରାଯାଇଥିଲା । ଅନ୍ୟ ପକ୍ଷରେ ୨୩ଟି ରାଜ୍ୟରେ ଆଇକନିକ୍ ପର୍ଯ୍ୟଟନ କେନ୍ଦ୍ର ଗୁଡ଼ିକର ବିକାଶ ପାଇଁ ପୁଞ୍ଜିନିବେଶ ନିମନ୍ତେ ରାଜ୍ୟ ଗୁଡ଼ିକୁ ୩ ହଜାର ୨୯୫ କୋଟି ଟଙ୍କାର ୪୦ଟି ପ୍ରକଳ୍ପ ଅନୁମୋଦନ କରାଯାଇଥିଲା । ଏଥିସହିତ ପର୍ଯ୍ୟଟକମାନଙ୍କୁ ବିଶ୍ୱସ୍ତରୀୟ ସେବା ଯୋଗାଇଦେବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ୮ଟି ଉନ୍ନତବର୍ଗର ପ୍ରତିଷ୍ଠାନ ଏବଂ ୨୧ଟି ହୋଟେଲ୍ ମ୍ୟାନେଜ୍‌ମେଣ୍ଟ ଅନୁଷ୍ଠାନ ସହ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

## କ୍ରିକେଟ୍

ମେଲ୍‌ବର୍ଣ୍ଣ ଠାରେ ଚାଲିଥିବା ବର୍ଡ଼ର ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ଅଷ୍ଟ୍ରେଲିଆ ପୂର୍ବଦିନର ସ୍କୋର ୬ ୱିକେଟ୍‌ରେ ୩୧୧ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଅଷ୍ଟ୍ରେଲିଆ ୧୧୩ ଓଭରରେ ୭ଟି ୱିକେଟ୍ ହରାଇ ୪୫୪ ରନ୍ କରିଛି ।

ଗତକାଲି ଟସ୍ ଜିତି ଅଷ୍ଟ୍ରେଲିଆ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଭାରତୀୟ ବୋଲର ଯଶପ୍ରୀତ ବୁମରା ତିନୋଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଆକାଶଦୀପ, ରବୀନ୍ଦ୍ର ଜାଡ଼େଜା ଏବଂ ୱାଶିଂଟନ୍ ସୁନ୍ଦର ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ । ଏହି ସିରିଜ୍‌ର ୫ଟି ମ୍ୟାଚ୍ ମଧ୍ୟରୁ ଭାରତ ଓ ଅଷ୍ଟ୍ରେଲିଆ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଥିବା  ବେଳେ ତୃତୀୟ ଟେଷ୍ଟ ମ୍ୟାଚ୍ ଡ୍ର’ ରହିଥିଲା ।